## ସଂକ୍ଷେପରେ

### ୨ ଶ୍ରେଣୀକୁ ଜଣେ ଶିକ୍ଷକ

**ଭଣ୍ଡାରିପୋଖରୀ, ୧।୨ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ମାଳଦା ଉଚ୍ଚ ବିଦ୍ୟାଳୟରେ ୨ ଶିକ୍ଷକରେ ଦୁଇଟି ଶ୍ରେଣୀ ଚାଲିଛି। ଏ ସମ୍ପର୍କରେ ଖବର ଗତ ୨୫ ତାରିଖରେ ଧରିତ୍ରୀରେ ପ୍ରକାଶିତ ହୋଇଥିଲା। ୭ଦିନ ବିତିଯାଇଥିଲେ ମଧ ବିଦ୍ୟାଳୟର ସମସ୍ୟା ପ୍ରତି ଶିକ୍ଷା ବିଭାଗ ଦୃଷ୍ଟି ଦେଇ ନ ଥିବା ଅଭିଯୋଗ ହେଉଛି। ୨ ଶିକ୍ଷକଙ୍କ ମଧ୍ୟରୁ ପ୍ରଧାନଶିକ୍ଷକ ଶୁକ୍ରବାର ଅବସର ନେଇଛନ୍ତି। ଶନିବାର ଜଣେ ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇଥିଲେ। ଶିକ୍ଷକ ଅଭାବ ନେଇ ବାରମ୍ବାର ଜିଲା ଶିକ୍ଷାଧିକାରୀଙ୍କୁ ବିଦ୍ୟାଳୟ ପକ୍ଷରୁ ଜଣାଯାଉଥିଲେ ମଧ ଶିକ୍ଷକ ନିଯୁକ୍ତି ଦିଆଯାଉ ନ ଥିବା ଅଭିଭାବକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁଙ୍କ ସହ ଯୋଗାଯୋଗ କରିବାରୁ କହିଛନ୍ତି, ସରକାର ଶିକ୍ଷକ ନିଯୁକ୍ତି ଦେଲେ ଉକ୍ତ ବିଦ୍ୟାଳୟକୁ ସ୍ଥାୟୀ ଶିକ୍ଷକ ଯୋଗାଇ ଦିଆଯିବ। ବର୍ତ୍ତମାନ ପାଇଁ ୩ ଶିକ୍ଷକଙ୍କୁ ଡେପୁଟେଶନରେ ଉକ୍ତ ବିଦ୍ୟାଳୟରେ ପାଠ ପଢ଼ାଇବା ପାଇଁ ଚିଠି କରାଯାଇଛି ବୋଲି ସେ କହିଛନ୍ତି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**ବାସୁଦେବପୁର,୧।୨(ଡି.ଏନ.ଏ.):** ବାସୁଦେବପୁର ବ୍ଲକ ସୁଦର୍ଶନୀପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଭୁବନାନନ୍ଦ ମଲିକ(୬୫)ଙ୍କର ଶନିବାର ପରଲୋକ ଘଟିଛି। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ବାସୁଦେବପୁର ଡାକ୍ତରଖାନା ସୂତ୍ରରୁ ପ୍ରକାଶ। ଭୁବନାନନ୍ଦ ସରପଞ୍ଚ ଦାୟିତ୍ୱରେ ଥିବା ମିନତି ମଲିକଙ୍କ ପ୍ରତିନିଧି ଭାବେ ଦାୟିତ୍ୱ ତୁଲାଉଥିଲେ। ସାମାଜିକ କର୍ମୀ ଭାବେ ବାସୁଦେବପୁର ଅଞ୍ଚଳରେ ସେ ଜଣାଶୁଣା ଥିଲେ। ଭୋର ସମୟରେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଥିଲା। ତାଙ୍କ ମରଶରୀର ବାସୁଦେବପୁରରେ ପହଞ୍ଚିବା ପରେ ଅପରାହ୍ନରେ ଏକ ଶୋଭାଯାତ୍ରାରେ ପଞ୍ଚାୟତ ପରିକ୍ରମା କରାଯାଇଥିଲା। ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ସରପଞ୍ଚ ଦୀନବନ୍ଧୁ ଦାସ, ଗିରୀଶ ଚନ୍ଦ୍ର ସାମଲ, ପ୍ରଫୁଲ୍ଲ ପଲିତା, ନିରଞ୍ଜନ ବଳ, ଯଦୁନାଥ ନାୟକ, ରତିକାନ୍ତ ବାରିକ, ସୁଶାନ୍ତ ଦାସ ପ୍ରମୁଖ ଶେଷ ଦର୍ଶନ କରିଥିଲେ।

# ଶ୍ରୀରାମ ନବମୀ ମହୋତ୍ସବ ପ୍ରସ୍ତୁତି

**ଭଦ୍ରକ ଅଫିସ, ୧।୨**

ଭଦ୍ରକର ଐତିହ୍ୟ, ପରମ୍ପରା ଓ ସାଂସ୍କୃତିକ ପରିଚୟ ଶ୍ରୀରାମ ନବମୀ ମହୋତ୍ସବ ପାଇଁ ଟାଉନ ଥାନା ଛକ ନିକଟସ୍ଥ କର୍ମଚାରୀ ଭବନ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଆୟୋଜିତ ଏହି ବୈଠକରେ ଚଳିତବର୍ଷ ଏପ୍ରିଲ ୨ରେ ମହୋତ୍ସବ ପାଳନ ପାଇଁ ସମିତି ସମ୍ପାଦକ ଶରତ ପଢ଼ିଆରୀ ପ୍ରକାଶ କରିଥିଲେ। ଚଳିତବର୍ଷ ଏହି ମହୋତ୍ସବ ୩୦ ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ଏହା ସମଗ୍ର ଜିଲାରେ ଏକ ଗଣପର୍ବ ଭାବେ ଗ୍ରହଣ ହୋଇସାରିଛି। ଶ୍ରୀରାମ ନବମୀ ଉତ୍ସବ ପୂର୍ବରୁ ମାତୃଭୂମି ପାଇଁ ଗଣଦୌଡ଼, ଗୋମାତା ଓ ସାଧୁସନ୍ଥ ପୂଜନ, ଯୁବ ଭକ୍ତଙ୍କୁ ନେଇ ବାଇକ୍ ଶୋଭାଯାତ୍ରା, ୧୦ ହଜାର ସଂଖ୍ୟାର ମାତୃମଣ୍ଡଳୀଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଏବଂ ପ୍ରମୁଖ ୩ଟି ଆଧ୍ୟାତ୍ମିକ ପୀଠ ଆରଡ଼ିର ବାବା ଆଖଣ୍ଡଳମଣି, ମା' ଭଦ୍ରକାଳୀ ପୀଠ ଏବଂ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ପୀଠରୁ ଆଜ୍ଞାମାଳ ଅଣାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହାସହ ସ୍ଥାନୀୟ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅତିଥି।

ଗାନ୍ଧୀପଡ଼ିଆରେ ୭ ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମୀନାବଜାର ଆୟୋଜନ କରାଯିବାର ନିଷ୍ପତ୍ତି ହୋଇଛି। ଚଳିତବର୍ଷ ପ୍ରଥମ କରି ବିଭିନ୍ନ ବିଦ୍ୟାଳୟରେ ସାଂସ୍କୃତିକ ପ୍ରତିଯୋଗିତା କରାଯିବାକୁ ସ୍ଥିର ହୋଇଛି। ସେହିପରି ସାଳନ୍ଦୀ ନଦୀପଠାରେ ୧୦୦୦ରୁ ଊର୍ଦ୍ଧ୍ୱ ଶ୍ରୀରାମ ଭକ୍ତଙ୍କୁ ନେଇ ସନ୍ଧ୍ୟାଳତି କାର୍ଯ୍ୟକ୍ରମ ରହିଛି।

ବୈଠକ ଆରମ୍ଭରୁ ଐତିହାସିକ ଅଯୋଧ୍ୟା ଶ୍ରୀରାମ ଜନ୍ମଭୂମି ପ୍ରସଙ୍ଗ ସମ୍ପର୍କିତ ସର୍ବୋଚ୍ଚ ନ୍ୟାୟାଳୟର ରାୟକୁ ସର୍ବସମ୍ମତିକ୍ରମେ ସ୍ୱାଗତ କରାଯାଇଥିଲା। ପରେ ୨୦୧୯ ବର୍ଷର ସମ୍ପାଦକୀୟ ବିବରଣୀ ସମିତି ସମ୍ପାଦକ ପାଠ କରିଥିଲେ। ୨୦୧୯ରେ ଶ୍ରେଷ୍ଠ ୬ ମେଢ଼ କମିଟିକୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଏବଂ ଶ୍ରେଷ୍ଠ ଗୋମାତାର ସେବକମାନଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଆଧାରରେ ଆର୍ଥିକ ପୁରସ୍କାର ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବକୁ ପରିଚାଳନା ପାଇଁ ଏକ ବୃହତ୍ ସମିତି ଗଠନ କରାଯାଇଛି। ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ସମିତିର ବରିଷ୍ଠ ଉପଦେଷ୍ଟା ତଥା ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ, ବଦ୍ରିନାରାୟଣ ଧଳ, ସଂଯୋଜକ ଗୋବିନ୍ଦ ରାଉତ, ଅନ୍ୟତମ ଉପଦେଷ୍ଟା ଅଭିମନ୍ୟୁ ସେଠୀ, ହେମନ୍ତ ପାଢ଼ୀ, ମାଧବାନନ୍ଦ ମଲ୍ଲିକ ମଞ୍ଚାସୀନ ଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ରବିନାରାୟଣ ପଣ୍ଡା, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ବିଜୟ ସିହ୍ନା, ଡ. ପ୍ରଦୀପ ନାୟକ, ଅମ୍ବିକା ଦାସ, ମାନସ ମହାନ୍ତି, ଅଶୋକ ପୁହାଣ, ଭଗବାନ ପଣ୍ଡା, ବସନ୍ତ ରାଉତ, ପୂର୍ଣ୍ଣ ପାଣି, ପ୍ରଦୀପ୍ତ ବିଶ୍ୱାଳ, ବିଦ୍ୟାଧର ସାହୁ, ରଘୁନାଥ ସାହୁ, ସୁରେଶ ସାମଲ, ପ୍ରଦ୍ୟୁମ୍ନ ଶତପଥୀ, କଟି ପାଢ଼ୀ, ଗୋପାଳ ସାହୁ, ବିକାଶ ଶ୍ରେଷ୍ଠା, ବିକାଶ ପାଢ଼ୀ, ସରୋଜିନୀ ଦାସ, ଭାରତୀ ବିଶ୍ୱାଳ, ପୁନିଲ ସାମନ୍ତ, ଦେବାଶିଷ ଗ୍ରହାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଗଣମାଧମର ସଂଯୋଜକ ସ୍ୱାଧୀନ ସୁନ୍ଦର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷାବିତ୍ ଗୌରାଙ୍ଗଙ୍କ ପରଲୋକ

**ଧାମନଗର,୧।୨(ଡି.ଏନ.ଏ.)**

ଧାମନଗର ବ୍ଲକ ଅସୁରାଳିର ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପୂର୍ବତନ ପ୍ରଧାନଶିକ୍ଷକ ଗୌରାଙ୍ଗ ଚରଣ ଦାସ(୯୧)ଙ୍କ ଶୁକ୍ରବାର ରାତିରେ ପରଲୋକ ଘଟିଛି। ଭୁବନେଶ୍ୱରସ୍ଥିତ ବାସଭବନରେ ତାଙ୍କର ଦେହାନ୍ତ ହୋଇଛି। ତାଙ୍କ ମରଶରୀରକୁ ଶନିବାର ପୂର୍ବାହ୍ନରେ ଅଣାଯାଇ ଅସୁରାଳି ସ୍କୁଲ, ବଜାର ଓ ଗ୍ରାମ ପରିକ୍ରମା କରାଯାଇ ଶ୍ମଶାନରେ ଅନ୍ତ୍ୟେଷ୍ଟିକ୍ରିୟା ହୋଇଥିଲା। ଶତାଧିକ ପୁରାତନ ଛାତ୍ର, ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ ଆସି ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ଦାସ ଛାତ୍ରାବସ୍ଥାରେ ସ୍ୱାଧୀନତା ସଂଗ୍ରାମରେ ବାନର ସେନା ତଥା ଧୂଷୁରୀ ସ୍ୱାଧୀନତା ସମୟରେ ବଡ଼ ବଡ଼ ସଂଗ୍ରାମୀଙ୍କ ସହିତ ସମୟ ବିତାଇଥିଲେ। ପରବର୍ତ୍ତୀ ଅବସ୍ଥାରେ ସେ ସ୍ୱାଧୀନତା ସଂଗ୍ରାମୀ ଭାବେ ସରକାରୀ ଭତ୍ତାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ସ୍ୱାଧୀନତା ପରେ ସେ ଶିକ୍ଷକତା କରି ନିଜ ଅଞ୍ଚଳରେ ଲୋକଙ୍କୁ ଶିକ୍ଷିତ କରାଇବାକୁ ଶପଥ ନେଇ ଅସୁରାଳି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା ଆରମ୍ଭ କରିଥିଲେ। ଦୀର୍ଘ ୩୦ବର୍ଷ ଧରି ସେ ବହୁ ମେଧାବୀ ଛାତ୍ର ଗଢ଼ିଥିଲେ। ୧୯୮୯ରେ ରାଜ୍ୟପାଳ ଡ. ନୁରୁଲ ହାସାନଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ୧୯୯୧ରୁ ଅବସର ନେଇ ସାମାଜିକ କାର୍ଯ୍ୟ ତଥା ବିଶେଷକରି ଆଧ୍ୟାତ୍ମିକତାବାଦକୁ ବିଶ୍ୱାସ କରି ଅସୁରାଳିରେ ମା' ଖୁଲେଇଶୁଣୀ ମନ୍ଦିର, ବରୁଣାଇ ପୀଠର ଉନ୍ନତୀକରଣ, ଶ୍ରୀଜଗନ୍ନାଥ ମନ୍ଦିର, ରଟନ୍ତିକାଳୀ ମନ୍ଦିର ନିର୍ମାଣ ଏବଂ ବଣିକ ସଂଘ କରାଇ ବଜାରର ଉନ୍ନତୀକରଣ କାର୍ଯ୍ୟରେ ପ୍ରମୁଖ ଭୂମିକା ନେଇଥିଲେ। ସେହିପରି ଆରଡ଼ିରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ସତ୍‌ସଙ୍ଗ ଆଶ୍ରମର ପ୍ରତିଷ୍ଠାତା ସଦସ୍ୟ ଭାବେ ବିଶେଷ ଭୂମିକା ଗ୍ରହଣ କରିଥିଲେ। ଏମ୍‌ପିଙ୍କ ପ୍ରତିନିଧି ନାରାୟଣ ଚନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ଶାରଦା ପ୍ରସନ୍ନ ସାହୁ, ଅସୁରାଳି ସରପଞ୍ଚ ରାଜେନ୍ଦ୍ର ସାହୁ, ଗଢିଆଳି ସମିତିସଭ୍ୟ ହରେକୃଷ୍ଣ ପାଢ଼ୀ, ସିପିଆଇ ନେତା ସତ୍ୟମୂର୍ତ୍ତି ବେହେରା, କଂଗ୍ରେସ ନେତା ପ୍ରଦୀପ୍ତ ଦାସ, ପୂର୍ବତନ ଶିକ୍ଷକ ଶରତ ନାୟକ ଓ ଜଗନ୍ନାଥ ଦାସ ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ

**ଆରଡ଼ି,୧।୨(ଡି.ଏନ.ଏ.)**

ଚାନ୍ଦବାଲି ବ୍ଲକ ଅନ୍ତର୍ଗତ କୁଳେଇପଦାଠାରେ ଏକଦିବସୀୟ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଆରଡ଼ି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ମା' ଖରାଖାଇ ଯୁବ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୪ ଦଳ ୩ ରାଉଣ୍ଡ ଲେଖାଏ ପରସ୍ପରକୁ ଭେଟିଥିଲେ। ଯାଜପୁର ଜିଲାର ଉତ୍ତରକୁଳ ଓ ଈଶ୍ୱରପୁର ଟିମ୍ ଫାଇନାଲ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଶେଷରେ ଉତ୍ତରକୁଳ ଟିମ୍ ବିଜେତା ଟ୍ରଫି ଓ ଈଶ୍ୱରପୁର ରନର୍ସଅପ୍ କପ୍ ହାସଲ କରିଥିଲେ। ପରିଚାଳନା କରିଥିଲେ ଅନିଲ ରାୟ। ଅବିନାଶ ଦାସ ଓ ମୁକେଶ ସାହୁ ସ୍କୋରର କମ୍ ଷ୍ଟାଟିସିଆନ ଥିଲେ। ସଞ୍ଜୟ ବାରିକ ଓ ସତ୍ୟଜିତ୍ ନାୟକ ଲାଇନସ୍‌ମ୍ୟାନ ଦାୟିତ୍ୱରେ ଥିଲେ। ଯୁବ ପରିଷଦର ବରିଷ୍ଠ ସଭ୍ୟ ସୁଶାନ୍ତ ବିଶ୍ୱାଳ, ସୁନୀଲ ବିଶ୍ୱାଳ, ପ୍ରଣୟ ଖଟୁଆ, ଜୟନ୍ତ ନାୟକ, ଅମରେନ୍ଦ୍ର ବିଶ୍ୱାଳ, ଦେବାଶିଷ ବିଶ୍ୱାଳ ଓ ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖ ସହାୟତା କରିଥିଲେ।

# ଘର ଘର ବୁଲି ବଣ୍ଟାଯିବ ଔଷଧ

**ଭଣ୍ଡାରିପୋଖରୀ, ୧।୨(ଡି.ଏନ.ଏ.)**

**ବାତଜ୍ୱର ନିରାକରଣ**

ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶନିବାର ବାତଜ୍ୱର ନିରାକରଣ ନେଇ ଏକ ପ୍ରସ୍ତୁତି ବୈଠକ ମେଡିକାଲ ସୁପରିଟେଣ୍ଡେଣ୍ଟ କମଳାକାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବାତଜ୍ୱର ନିରାକରଣ ପାଇଁ ବ୍ଲକର ୧ ଲକ୍ଷ ୨୮ ହଜାର ୫୪୬ ଜଣଙ୍କୁ ଔଷଧ ବଣ୍ଟନ କରାଯିବ। ଆସନ୍ତା ୧୦ରୁ ୧୨ ତାରିଖ ତିନିଦିନ ଧରି ଏହି କାର୍ଯ୍ୟକ୍ରମରେ କର୍ମୀମାନେ ଘର ଘର ବୁଲି ଆଲବେଣ୍ଡାଜୋଲ ଡିଇସି ବଟିକା ଖୁଆଇବେ। ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ସ୍ୱାସ୍ଥ୍ୟ ସୁପରଭାଇଜର, ମେଡିକାଲ ଅଫିସର୍‌ମାନେ ପରିଚାଳନା ଓ ତଦାରଖ କରିବେ। ଡା. ମିତାଲୀ ଶ୍ରୀବାସ୍ତବ, ଡ. ଦେବଦତ୍ତ ପାଣିଗ୍ରାହୀ, ଡ. ମଳୟ ସେନାପତି, ଡ. ଅରୁଣ ନାୟକ, ଡ. ହୃଦୟ ପ୍ରଧାନ, ଡ. ତପନ ବେହୁରିଆ, ଡ. ଦେବାଶିଷ ପତି, ଏବିଇଓ ପୁରୁଷୋତ୍ତମ ଧଳ, ପିଇଓ ଅନିତାରାଣୀ ରାଉତ ଓ ରଶ୍ମିରେଖା ପୃଷ୍ଟି ପ୍ରମୁଖ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ୧୮ ପ୍ରତିଯୋଗୀ ପୁରସ୍କୃତ

**ବନ୍ତ, ୧।୨(ଡି.ଏନ.ଏ.):** ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପ୍ରତିଯୋଗିତାରେ କୃତୀ ୧୮ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। କ୍ରୀଡ଼ା ଶିକ୍ଷୟିତ୍ରୀ ଶୋଭାରାଣୀ ଦାସଙ୍କ ତତ୍ତ୍ୱାବଧାନରେ ସୁକାନ୍ତି ବିଶ୍ୱାଳ, ପ୍ରତିମା ଭୂୟାଁ, ବିଶ୍ୱନାଥ ନାୟକ, ମଞ୍ଜୁଶ୍ରୀ ଜେନା ଓ ନିବେଦିତା ଘଡ଼ାଇ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ସୁମତି ନାୟକ ସଭାପତିତ୍ୱ କରିଥିଲେ।

# ଅଧିକ ମୂଲ୍ୟରେ ମଦ ବିକ୍ରି ନେଇ ଅସନ୍ତୋଷ

**ତିହିଡ଼ି,୧।୨(ଡି.ଏନ.ଏ):** ତିହିଡ଼ି ବଜାରରେ ଥିବା ସରକାରୀ ଦେଶୀମଦ ଦୋକାନରେ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଟଙ୍କାରେ ମଦ ବିକ୍ରି ନେଇ ଅସନ୍ତୋଷ ପ୍ରକାଶ ପାଇଛି। କଂଗ୍ରେସର ବ୍ଲକ ସଭାପତି ସରୋଜ ଦାସ ଏବଂ ଅନ୍ୟ କର୍ମୀମାନେ ଶନିବାର ଏ ସମ୍ପର୍କରେ ଅବକାରୀ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦୋକାନରେ ୫୫ ଟଙ୍କା ମୂଲ୍ୟ ଲେଖାଥିବା ମଦକୁ ୭୦ଟଙ୍କାରେ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି। କଂଗ୍ରେସ ସଭାପତି ଦାସ ଦୋକାନ କର୍ମଚାରୀଙ୍କୁ ଏ ସମ୍ପର୍କରେ ପଚାରିଥିଲେ। ପରେ କର୍ମଚାରୀମାନେ ଦୋକାନରେ ତାଲା ପକାଇଥିବା ଜଣାଯାଇଛି।

## ମୟୂରଭଞ୍ଜ

### ଶାଗୁଆନ କାଠ ଜବତ



**କପ୍ତିପଦା,୧।୨(ଡ଼ି.ଏନ୍.ଏ):** କପ୍ତିପଦା ରେଞ୍ଜ ଅଧୀନ ଜାମବଣୀ ପଞ୍ଚାୟତ ଧୂମକ୍ଷେତ ଗ୍ରାମ ନିକଟରେ ବନ ବିଭାଗ ୨ଟି ସାଇକେଲରେ ବନ୍ଧା ହୋଇଥିବା ୨ଟି ଶାଗୁଆନ ଚୌଥକୁ ଜବତ କରିଛି। ଅଭିଯୁକ୍ତମାନେ ବନ ବିଭାଗ କର୍ମଚାରୀଙ୍କୁ ଦେଖି ସାଇକେଲ ଓ କାଠକୁ ଛାଡି ଘଟଣାସ୍ଥଳରୁ ଫେରାର ହୋଇ ଯାଇଛନ୍ତି। ଜବତ ସାଇକେଲ ଓ କାଠକୁ କପ୍ତିପଦା ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଛି। ଚଢାଉ ସମୟରେ ଫରେଷ୍ଟର ଶୋଭାକର ସିଂହ, ବନରକ୍ଷୀ ଅଞ୍ଜନ ଲେଙ୍କା ସାମିଲ ଥିଲେ। ଜବତ କାଠର ମୂଲ୍ୟ ୮ ହଜାର ଟଙ୍କା ହେବ ବୋଲି ଜଣାଯାଇଛି।

### ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଖୁଣ୍ଟା,୧।୨(ଡ଼ି.ଏନ୍.ଏ.):** ଖୁଣ୍ଟା ବ୍ଲକ ଅଧୀନ ଧାନଘେରା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ପ୍ରଶାନ୍ତ କୁମାର ରାୟଗୁରୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ମୁଖ୍ୟବକ୍ତା ସିରିଶବଣି ବିବେକାନନ୍ଦ ଶିକ୍ଷାଶ୍ରମର ଅଧକ୍ଷ ବୀଣା ଦାସ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ବିଦ୍ୟାଳୟର ପ୍ରତିଯୋଗୀମାନେ କ୍ରୀଡା କ୍ଷେତ୍ରରେ ଜାତୀୟସ୍ତରରେ ଦକ୍ଷତା ପ୍ରଦର୍ଶନ କରିଥିବା ଯୋଗୁ ଖେଳ ଶିକ୍ଷକ ନୟନ ରଞ୍ଜନ ପଣ୍ଡାଙ୍କୁ ଅତିଥି ଗଣ ପୁରସ୍କୃତ କରିଥିଲେ। ସେହିପରି ଶିକ୍ଷକ ରମେଶ ଚନ୍ଦ୍ର ବିଶ୍ୱାଳ ଓ ମନୋଜ କୁମାର ନାୟକଙ୍କୁ ସମ୍ମାନୀତ କରାଯାଇଥିଲା। ବିଦ୍ୟାଳୟ ପରିସରରେ ଥିବା ୪ଟି ଛାତ୍ରୀନିବାସ ଓ ଛାତ୍ରାବାସ ମଧ୍ୟରୁ ମହାନଦୀ ଛାତ୍ରାବାସ ଓ ଇନ୍ଦ୍ରାବତୀ ଛାତ୍ରୀ ନିବାସ ଅନ୍ତେବାସୀଙ୍କୁ ବିଭିନ୍ନ ପାରଦର୍ଶିତା ପାଇଁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ମନୋଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଚିକିତ୍ସାରେ ଅବହେଳା ଅଭିଯୋଗ: ଗର୍ଭସ୍ଥ ଶିଶୁର ମୃତ୍ୟୁ

**ବାରିପଦା ଅଫିସ,୧।୨**

ମୟୂରଭଞ୍ଜ ଜିଲା ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ଶନିବାର ଚିକିତ୍ସାରେ ଅବହେଳା ଯୋଗୁଁ ଗର୍ଭସ୍ଥ ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ମୃତ ଶିଶୁଙ୍କ ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ମେଡିକାଲ କଲେଜ ପରିସରରେ ହୋହଲ୍ଲା କରିଥିଲେ। ଫଳରେ ଚିକିତ୍ସାଳୟ ପରିସରରେ ଉତ୍ତେଜନା ଦେଖା ଦେଇଥିଲା। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଅନ୍ୟପକ୍ଷେ ମୃତ ଶିଶୁଙ୍କ ବାପା ୨ ଜଣ ଡାକ୍ତର ଓ ଦୁଇ ଜଣ ନର୍ସଙ୍କ ବିରୋଧରେ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୫୬/୨୦) ରୁଜୁ କରିଛି।

ସୂଚନା ଅନୁଯାୟୀ, ବାରିପଦା ସଦର ଥାନା ଅଧୀନ ବଜ୍ରତୁଣ୍ଡି ଗ୍ରାମର ଚନ୍ଦନ ବେହେରାଙ୍କ ସ୍ତ୍ରୀ ସୁରେଖାଙ୍କୁ ପ୍ରସବ ବେଦନା ହେବାରୁ ଗତ ୨୯ ତାରିଖରେ ପିଆରଏମ ମେଡିକାଲ କଲେଜରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ୨ଜଣ ଡାକ୍ତରଙ୍କ ତତ୍ତ୍ୱାବଧାନରେ ସୁରେଖାଙ୍କ ଚିକିତ୍ସା କରାଯାଉଥିଲା। ହେଲେ ଡାକ୍ତର ସୁରେଖାଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପରିବାର ଲୋକଙ୍କୁ କୌଣସି ସୂଚନା ଦେଉ ନ ଥିଲେ। ଶୁକ୍ରବାର ଅପରାହ୍ନରେ ସୁରେଖାଙ୍କ ପ୍ରସବ ବେଦନା ଆରମ୍ଭ ହୋଇଥିଲା। ସେତେବେଳେ ଚନ୍ଦନ ଚିକିତ୍ସା କରୁଥିବା ଦୁଇ ଡାକ୍ତରଙ୍କୁ ଏ ନେଇ ଅବଗତ କରାଇଥିଲେ। ହେଲେ ଡାକ୍ତର ଦ୍ୱୟ ତାଙ୍କ କଥାକୁ ଗୁରୁତ୍ୱ ନ ଦେଇ ସ୍ୱାଭାବିକ ପ୍ରସବ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ। ତେବେ ବହୁ ଅନୁରୋଧ ପରେ ରାତି ୮ ଟା ବେଳେ ପ୍ରସବ ଗୃହକୁ ନେଇ ଶନିବାର ସକାଳେ ପ୍ରସବ ହେବ ବୋଲି ସୂଚନା ଦେଇଥିଲେ। ଅନ୍ୟପକ୍ଷେ ସୁରେଖାଙ୍କ ପ୍ରସବ ବେଦନା ବଢ଼ି ଚାଲୁଥିଲା। ରାତି ୩ ଟା ବେଳେ ଚନ୍ଦନ ପୁନର୍ବାର ଡାକ୍ତରଙ୍କୁ ଚିକିତ୍ସା କରିବା ପାଇଁ ଅନୁରୋଧ କରିଥିଲେ। ମାତ୍ର ଚିକିତ୍ସା ପାଇଁ ଜଣେ ନର୍ସ ଆସି ୫ ହଜାର ଟଙ୍କା ଦାବି କରିଥିଲେ। ଏତେ ଟଙ୍କା ଦେବାକୁ ସେ ସକ୍ଷମ ନୁହନ୍ତି ବୋଲି କହିବାରୁ ସକାଳେ ଚିକିତ୍ସା ହେବ ବୋଲି ନର୍ସ ଜଣକ କହି ସେଠାରୁ ଚାଲି ଯାଇଥିବା ଚନ୍ଦନ ଅଭିଯୋଗ କରିଛନ୍ତି। ସକାଳେ ସୁରେଖା ଏକ ମୃତ ଶିଶୁ ପୁତ୍ରଙ୍କୁ ଜନ୍ମ ଦେଇଥିଲେ। ଏହି ଘଟଣା ପ୍ରଘଟିତ ହେବା ପରେ ମେଡିକାଲ କଲେଜ ପରିସରରେ ଉତ୍ତେଜନା ଦେଖା ଦେଇଥିଲା। ପରେ ସ୍ଥାନୀୟ ଲୋକଙ୍କ ସହିତ ଚନ୍ଦନ ବାରିପଦା ଟାଉନ ଥାନାକୁ ଯାଇ ଡାକ୍ତର ଓ ନର୍ସଙ୍କ ବିରୋଧରେ ଅଭିଯୋଗ କରିଥିବା ଜଣାପଡିଛି।


ମେଡିକାଲ କଲେଜ ପରିସରରେ ଲୋକେ ହୋହଲ୍ଲା କରୁଛନ୍ତି।

- ପିଆର୍‌ଏମ୍ ମେଡିକାଲ କଲେଜରେ ଉତ୍ତେଜନା
- ୨ ଡାକ୍ତର, ଦୁଇ ନର୍ସଙ୍କ ନାମରେ ମାମଲା

# ସରିଲା ରୌପ୍ୟ ଜୟନ୍ତୀ ଉତ୍ସବ

**କପ୍ତିପଦା,୧।୨(ଡ଼ି.ଏନ୍.ଏ)**

ଶରତସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅନୁସୂଚିତ ଜାତି, ଜନଜାତି ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ ସରକାରଙ୍କ ଆଦିବାସୀ କଲ୍ୟାଣ ଯୋଜନା 'ଉନ୍ମେଷ'ର କାର୍ଯ୍ୟକାରିତା ଦିଗ ତଥା ଛାତ୍ରୀଛାତ୍ରମାନଙ୍କ ପାଇଁ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଭଗବାନ ପଣ୍ଡା ବକ୍ତବ୍ୟରେ ମହାବିଦ୍ୟାଳୟର ସ୍ମୃତି ଓ ଅନୁଭୂତିକୁ ବଖାଣିଥିଲେ। ବିଶିଷ୍ଟ ଅତିଥିଭାବେ କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ୍, ମୁଖ୍ୟବକ୍ତା ପ୍ରାଧ୍ୟାପକ ଡ.ନଗେନ୍ଦ୍ର କୁମାର ପାଢ଼ୀ, ସମ୍ମାନନୀୟ ଅତିଥି ଔପନ୍ୟାସିକ କୃଷ୍ଣଚନ୍ଦ୍ର ମିଶ୍ର, ଉଦଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ବେରା, ଫକୀରମୋହନ ବିଶ୍ୱବିଦ୍ୟାଳୟର ନୋଡ଼ାଲ ତାଲିମ୍ ଅଧିକାରୀ ଡ. ରମାକାନ୍ତ ଦାଶ, ଜିଲା ପରିଷଦ ସଭ୍ୟା ସସ୍ମିତା ସିଂପୂର୍ତ୍ତୀ, ସମାଜସେବୀ ବଳରାମ ସାହୁ, ଅଧ୍ୟାପକ ପ୍ରତାପ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ସମାଜସେବୀ ଶୈଳେନ୍ଦ୍ର ହେମ୍ବ୍ରମ ସ୍ୱାଗତ ଅଭିଭାଷଣ ଓ ଅଧ୍ୟାପକ ଅଶୋକ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିବରଣୀ ପାଠ କରିଥିଲେ ଅଧ୍ୟାପକ ଶୀତକଣ୍ଠ ଦାସ। ଅଧ୍ୟାପକ ମନୋରଞ୍ଜନ ବିହାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୨୫ ବର୍ଷର ସ୍ମୃତିକୁ ନେଇ ମହାବିଦ୍ୟାଳୟର ମୁଖପତ୍ର 'ଶାଳଫୁଲ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପୁରାତନ ଛାତ୍ର ସଂସଦର ସଭାପତି ବିଶ୍ୱନାଥ ବଦ୍ରା, ଛାତ୍ର ସଂସଦର ମନୋଜ କୁମାର ସିଂ, ଉପସଭାପତି ହିନ୍ଦୁ ସିଂ ପୂର୍ତ୍ତୀ, ନିରାକାର ବାରିକ୍, ଲାଲମୋହନ ମାର୍ଣ୍ଡି, ରୌପ୍ୟ ଜୟନ୍ତୀ କମିଟିର ସମସ୍ତ ସଦସ୍ୟ, ପରିଚାଳନା କମିଟିର ସଦସ୍ୟ, ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ।


ଅତିଥିମାନେ ମହାବିଦ୍ୟାଳୟର ମୁଖପତ୍ର 'ଶାଳଫୁଲ'କୁ ଉନ୍ମୋଚନ କରୁଛନ୍ତି।

# ବାଙ୍ଗିରିପୋଷିରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ବାଙ୍ଗିରିପୋଷି,୧।୨(ଡ଼ି.ଏନ୍.ଏ.)**

ବାଙ୍ଗିରିପୋଷି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର-୨୦୨୦ ଅନୁଷ୍ଠିତ ହୋଇ ଯାଇଛି। ଶିବିରରେ ବ୍ଲକ ଅଧୀନ ୧୯ଟି ପଞ୍ଚାୟତରୁ ଭିନ୍ନକ୍ଷମମାନେ ଆସିଥିବା ବେଳେ ମୋଟ ୪୬୭ ଜଣ ପଞ୍ଜୀକୃତ ହୋଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମଦାସ ଟୁଡୁ, ବ୍ଲକ ଅଧକ୍ଷ ସୁବୋଧ ଚନ୍ଦ୍ର ମାର୍ଣ୍ଡୀ, ସହକାରୀ ଯନ୍ତ୍ରୀ ଯୋଗେଶ୍ୱର ବେହେରା, ଗ୍ରାମ୍ୟ ଉନ୍ନୟନ ଅଧିକାରୀ ବିଦ୍ୟା ନାଏକ, ସାମାଜିକ ସୁରକ୍ଷା ଅଧିକାରୀ ଜାନକୀ ହେମ୍ବ୍ରମ, କୋଷାଧ୍ୟକ୍ଷ ଅରୁଣ କୁମାର ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ତଦାରଖ କରିଥିଲେ। ବାଙ୍ଗିରିପୋଷି ସାମ୍ବାଦିକ ସଂଘ ସମେତ ସକ୍ଷମ ଅନୁଷ୍ଠାନ ମୟୂରଭଞ୍ଜର ସଭାପତି ବଙ୍କେଶ କୁମାର ସେଠୀ, ସମାଜସେବୀ ବିଶ୍ୱଜିତ ଶର୍ମା, ଦୀପକ ମହାନ୍ତି, ବାସୁଦେବ ମହାରଣା ଏବଂ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟମାନେ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଉପଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ

**ରାଇରଙ୍ଗପୁର,୧।୨(ଡି.ଏନ୍.ଏ.)**

**ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ ନିର୍ମାଣସ୍ଥଳକୁ ନେଇ ବିବାଦ**

ରାଇରଙ୍ଗପୁର କଲେଜ ଛାତ୍ରନିବାସ ପଛପଟ ପାଚେରୀ ଏବଂ ଖେଳପଡ଼ିଆ ପାର୍ଶ୍ୱରେ ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ ନିର୍ମାଣସ୍ଥଳକୁ ନେଇ ବିବାଦ ଦେଖାଦେଇଛି। ରାଇରଙ୍ଗପୁର ବ୍ଲକ ଅଧୀନ ଭାଲୁବସା ପଞ୍ଚାୟତବାସୀ ଏହି ପ୍ରକଳ୍ପ ନିର୍ମାଣ ସପକ୍ଷରେ ଥିବା ବେଳେ ସ୍ଥାନୀୟ ପୁରୁଣାଘାଟୀ ବସ୍ତି ଅଞ୍ଚଳବାସୀ ଏହାକୁ ବିରୋଧ କରିଛନ୍ତି। ଶନିବାର ଭାଲୁବସା ପଞ୍ଚାୟତବାସୀ ଏହି ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ଦାବିରେ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସୂଚନାନୁଯାୟୀ,ରାଇରଙ୍ଗପୁର ବ୍ଲକ ଭାଲୁବସା ପଞ୍ଚାୟତର ୬ଟିଗ୍ରାମକୁପାନୀୟ ଜଳ ଯୋଗାଣ ନିମନ୍ତେ ୧୯୩ କୋଟି ଟଙ୍କା ବିନିମୟରେ ଉକ୍ତ ମେଗା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ କରାଯାଉଥିଲା। ମାତ୍ର ପୁରୁଣାଘାଟୀ ବସ୍ତି ଅଞ୍ଚଳବାସୀ ଉକ୍ତ କାର୍ଯ୍ୟକୁ ବିରୋଧ କରିଥିଲେ। ଭାଲୁବସା ପଞ୍ଚାୟତବାସୀ ତୁରନ୍ତ ମେଗା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବା ସକାଶେ ଜିଦରେ ଅଟଳ ରହିବା ସହ ଶତାଧିକ ମହିଳାପୁରୁଷ ଭାଲୁବସା ସରପଞ୍ଚ ବିଜୟ ମାରାଣ୍ଡି, ପୂର୍ବତନ ଜିଲା ପରିଷଦ ସଭ୍ୟ ଆଲୋକ ମହାନ୍ତ ଏବଂ ଜିତେନ୍ଦ୍ର ନାଥ ହେମ୍ବ୍ରମ ପ୍ରମୁଖଙ୍କ ନେତୃତ୍ୱରେ ସ୍ଥାନୀୟ ଉପଜିଲାପାଳ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଥିଲେ। ଏନେଇ ଗ୍ରାମବାସୀ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହାସହ ଗ୍ରାମବାସୀ ସ୍ଥାନୀୟ ତହସିଲଦାର ଜଗରଞ୍ଜନ ନାୟକଙ୍କୁ ଭେଟି ମେଗା ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ଲାଗି ତୁରନ୍ତ ସ୍ଥାନ ନିରୂପଣ କରିବା ଲାଗି ଦାବି କରିଥିଲେ। ଆଲୋଚନା ବେଳେ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କରୁଥିବା ଏଲ୍‌ଆଣ୍ଡଟି କମ୍ପାନୀର ଜଣେ ଇଞ୍ଜିନିୟର ଏବଂ କର୍ମଚାରୀଙ୍କ ସମେତ ଟାଉନ ଥାନା ଅଧିକାରୀ ଇନ୍ସପେକ୍ଟର ରେଣୁବାଳା ସାହୁ ଉପସ୍ଥିତ ଥିଲେ। ଉକ୍ତ ଗ୍ରାମ୍ୟ ମେଗା ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ବାବଦ ଏବଂ ଉତ୍ତେଜନାକୁ ନେଇ ନିର୍ମାଣସ୍ଥଳରେ ପୋଲିସ ପ୍ରଶାସନ ପକ୍ଷରୁ ଫୋର୍ସ ମୁତୟନ କରାଯାଇଛି।

## ସଂକ୍ଷେପରେ

### ନାବାଳିକାଙ୍କ ଆତ୍ମହତ୍ୟା

**ଯୋଡ଼ା,୧।୨(ଡ଼ି.ଏନ୍.ଏ.)**- କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ପଳସା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଜଣେ ୧୬ ବର୍ଷୀୟା ନାବାଳିକା ଗଛରେ ଫାଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ନାବାଳିକା ଜଣକ ଶୁକ୍ରବାର ସକାଳେ ଶୌଚ ହେବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ । ଶନିବାର ଅପରାହ୍ଣରେ ନିକଟସ୍ଥ ଜଙ୍ଗଲରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ବାମେବାରୀ ପୋଲିସ ମୃତଦେହ ଜବତ ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି ।

### ଟ୍ରକ୍-କାର୍ ମୁହାଁମୁହିଁ : ୩ ଗୁରୁତର

**କେନ୍ଦୁଝର,୧।୨ (ସ୍ୱ.ପ୍ର.)**- ୨୦ନମ୍ବର ଜାତୀୟ ରାଜପଥର ଗୋପାଳପୁର ନିକଟରେ କାର ସହ ଏକ ଟ୍ରକର ମୁହାଁମୁହିଁ ଧକ୍କା ହେବାରୁ କାରରେ ଥିବା ୩ଜଣ ଗୁରୁତର ଆହତ ହୋଇଛନ୍ତି । ଜେଏଚ ୦୫ ସିଏଲ ୦୨୩୦ ନମ୍ବର ବିଶିଷ୍ଟ କାରଟି କେନ୍ଦୁଝର ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଆଇରନ ବୋଝେଇ ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ତେବେ ଗୁରୁତରଙ୍କ ସଠିକ ପରିଚୟ ମିଳିପାରି ନଥିବା ବେଳେ ବାପା ମାଆ ଓ ଛୋଟ ଶିଶୁ ଟିଏ ଥିବା ଜଣାପଡିଛି । ଗୁରୁତର ଅବସ୍ଥାରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି।

### ମଦ ବେପାରୀ ଗିରଫ

**ପାଟଣା,୧।୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ସାହାରପଡା ବ୍ଲକ ତଣ୍ଡ ଗ୍ରାମର ଜଣେ ମଦ ବେପାରୀଙ୍କୁ ଶନିବାର ସାହାପଡା ଫାଣ୍ଡି ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୋବର୍ଦ୍ଧନ ନାଏକ(୬୦)। ତାଙ୍କ ଠାରୁ ୧୫ଲିଟର ଲିଟର ମହୁଲି ମଦ ଜବତ ହୋଇଛି। ଏହି ଗ୍ରାମରେ ଅବାଧ ମଦ ବିକ୍ରି ହେଉଥିବା ନେଇ ଏସଏଚଜି ଗ୍ରୁପର ସଦସ୍ୟାମାନେ ଅଭିଯୋଗ କରି ଆସୁଥିଲେ। ଶନିବାର ଉକ୍ତ ଗ୍ରାମରେ ମଦ ବିକ୍ରି କରୁଥିବାବେଳେ ମହିଳାମାନେ ଗୋବର୍ଦ୍ଧନଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ମନୋହର ମହାନ୍ତ ପହଞ୍ଚି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

### ଅବସରକାଳୀନ ସମ୍ବର୍ଦ୍ଧନା

**ଝୁମ୍ପୁରା, ୧।୨(ଡି.ଏନ.ଏ.)**-ଝୁମ୍ପୁରା ବ୍ଲକ ଖୁଣ୍ଟାପଡା ପଞ୍ଚାୟତର ଏବିଏ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀ ଦିନବନ୍ଧୁ ଦଣ୍ଡସନାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ଅବସର ଗ୍ରହଣ କରିଥିବା ଶିକ୍ଷକ, ପରିଚାଳନା କମିଟି ସଦସ୍ୟ, ଛାତ୍ରୀଛାତ୍ର, ଅଭିଭାବକ, ପଞ୍ଚାୟତବାସୀ ଯୋଗ ଦେଇଥିଲେ। ସମୟାନୁବର୍ତ୍ତିତା, ଶୃଙ୍ଖଳାଗତ ପରିଚାଳନା, ଅମାୟିକ ବ୍ୟବହାର, ସେବା ମନୋବୃତ୍ତି, ସାଧାରଣ ଜୀବନଶୈଳୀରେ ପରିଚାଳିତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁଙ୍କ ଅବସର ନେଇ ସମସ୍ତେ ଭାବବିହ୍ୱଳ ହୋଇପଡିଥିଲେ। ବିଦ୍ୟାଳୟର ବହୁ ପୁରାତନ ଛାତ୍ରୀଛାତ୍ର ଏହି ଅବସରରେ ଉପସ୍ଥିତ ରହି ପ୍ରଧାନ ଶିକ୍ଷକଙ୍କୁ ଉପଢୌକନ ଦେବା ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ। ଖେଣ୍ଡରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷକ ଗୋପାଳ ଚନ୍ଦ୍ର ବାରିକ ଅତିଥି ପରିଚୟ ଦାୟିତ୍ୱରେ ରହିଥିଲେ। ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରାଜେନ୍ଦ୍ର ସାହୁଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସଭାରେ ଉପସ୍ଥିତ ଥିଲେ।

### କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା

**ବଉଳା,୧।୨(ଡ଼ି.ଏନ୍.ଏ.)**- ହାଟଡିହୀ ବ୍ଲକ ଅଧୀନ ବାରିଗାଁ ନିଶାକର ହାଇସ୍କୁଲର ଡିଏମଏଫ ବୃତ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଯାଇଛି । ବ୍ଲକର ମୋଟ ୫୮୯୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ୮୫୪ ଜଣ ଡିଏମଏଫ ବୃତ୍ତି ପାଇଛନ୍ତି । ନିଶାକର ହାଇସ୍କୁଲର ୮ ଜଣ ଛାତ୍ରୀଛାତ୍ର ଏହି ବୃତ୍ତି ପାଇଛନ୍ତି । ବୃତ୍ତି ପାଇଥିବା ଛାତ୍ରୀଛାତ୍ର ସୋନାଲି ପୁହାଣ, ପ୍ରିୟବ୍ରତ ଜେନା, ବିଭୂତିଭୂଷଣ ବେହେରା, ସୁଜିତ କୁମାର ବେହେରା, ସୁନିଲ କୁମାର ସେଠୀ, ବିବେକାନନ୍ଦ ବିଶୋଇ, ପରମେଶ୍ୱର ଜେନା, ରାଜେଶରାମ ମାରାଣ୍ଡିଙ୍କୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ନାରାୟଣ ରାଉତ, ସିଆରସିସି କେଶବ ଚନ୍ଦ୍ର କର ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ । ଏହି ସମୟରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଉପସ୍ଥିତ ରହିଥିଲେ ।

# ଖଣିର ପରିବହନ କାର୍ଯ୍ୟ ବନ୍ଦ ଡାକରାକୁ ବିରୋଧ

**ଯୋଡ଼ା, ୧।୨(ଡି.ଏନ.ଏ.)**



ବନ୍ଦ ଡାକରାକୁ ବିରୋଧ କରି ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳର ଦେଓଝର ପଞ୍ଚାୟତସ୍ଥିତ ଟାଟାଷ୍ଟିଲ କାଟାମାଟି ଲୁହାପଥର ଖଣିର ପରିବହନ କାର୍ଯ୍ୟକୁ ବନ୍ଦ କରିବା ପାଇଁ ଏକ ରାଜନୈତିକ ଦଳ ପକ୍ଷରୁ ଦିଆଯାଇଥିବା ଡାକରାକୁ ସ୍ଥାନୀୟ ୫ ପଞ୍ଚାୟତର ଗ୍ରାମବାସୀ ବିରୋଧ କରିଛନ୍ତି। ଯୋଡ଼ା ବ୍ଲକର ଦେଓଝର, କଣ୍ଡରା, ଅଁସେଇକଳା, ଚମକପୁର ଓ ବିରିକଳା ପଞ୍ଚାୟତବାସୀ ଶନିବାର ପୂର୍ବାହ୍ଣରେ ଏକ ଖବରଦାତା ସମ୍ମିଳନୀ କରି ଏ ସମ୍ପର୍କରେ ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ଦେଓଝର ୱାର୍ଡମେମ୍ବର ବିଳାସିନୀ ନାଏକ, ସରପଞ୍ଚ ମଙ୍ଗଳ ମୁଣ୍ଡା, ସମିତିସଭ୍ୟ ଯୁଧିଷ୍ଠିର ପଲେଇ, ସାମାଜିକ କର୍ମୀ ମନ୍ମଥ ବେହେରା, କାଟାମାଟି ମଜଦୁର ସଭାର ସମ୍ପାଦକ ବୀର ନାଏକଙ୍କ ସମେତ ଗ୍ରାମବାସୀ ପାଣ୍ଡିଆ ମୁଣ୍ଡା, ବିମଳ ମୁଣ୍ଡା ଓ ମାନସ ରଞ୍ଜନ ବେହେରା ପ୍ରମୁଖ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଏହି ଖଣି ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୫ ପଞ୍ଚାୟତର ଲୋକ ନିର୍ଭରଶୀଳ। କେତେକ ଗ୍ରାମବାସୀ ଏହି ଖଣିରେ ନିଯୁକ୍ତି ପାଇଥିବାବେଳେ ଅଧିକାଂଶ ଲୋକ ଖଣିରେ ପରିବହନ କାର୍ଯ୍ୟ ହେତୁ ନିଜର ଜୀବିକା ଅର୍ଜନ କରିପାରୁଛନ୍ତି। ସ୍ଥାନୀୟ କେତେକ ଲୋକ ଜମି ବିକ୍ରି କରି ଋଣ ନେଇ ଟ୍ରକ, ଡମ୍ପର କ୍ରୟ କରିଛନ୍ତି ଏବଂ ଖଣି ପରିବହନ କାର୍ଯ୍ୟରେ ଟ୍ରକ ନିୟୋଜିତ କରି ପରିବାର ପ୍ରତିପୋଷଣ କରିପାରୁଛନ୍ତି। କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ରାଜନୈତିକ ଉଦ୍ଦେଶ୍ୟରେ ସ୍ଥାନୀୟ ଅଞ୍ଚଳର କେତେଜଣଙ୍କୁ ହାତବାରିଶ କରି କିଛି ଦାବି ରଖି ଖଣିର ପରିବହନ କାର୍ଯ୍ୟକୁ ଆସନ୍ତା ୪ ତାରିଖଠାରୁ ବନ୍ଦ କରିବା ପାଇଁ ଚେତାବନୀ ଦେଇଛନ୍ତି। ଏକ ରାଜନୈତିକ ଦଳ ପକ୍ଷରୁ ସ୍ଥାନୀୟ କେତେଜଣ ଲୋକଙ୍କୁ ନେଇ କେନ୍ଦୁଝରଠାରେ ଗତ ୨୮ ତାରିଖରେ ଖବରଦାତା ସମ୍ମିଳନୀ କରାଯାଇଥିଲା। ଖଣି କର୍ତ୍ତୃପକ୍ଷ ଦାବି ପୂରଣ ନ କଲେ ପରିବହନ କାର୍ଯ୍ୟ ବନ୍ଦ କରିବାକୁ ଉକ୍ତ ସମ୍ମିଳନୀରେ ନିଷ୍ପତ୍ତି ନେଇଥିଲେ। ତେବେ ଖଣିର ପରିବହନ କାର୍ଯ୍ୟ ବନ୍ଦ ହେଲେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ହଜାର ହଜାର ଲୋକ ଜୀବନଜୀବିକା ହରାଇବାର ଆଶଙ୍କା ରହିଛି। ପଞ୍ଚାୟତବାସୀ ଏହାର ବିରୋଧ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଏହି ଖବରଦାତା ସମ୍ମିଳନୀର ଉଦ୍ଦେଶ୍ୟ ବୋଲି ପ୍ରତିକ୍ରିୟାରେ କହିଛନ୍ତି।

# କାର୍ଯ୍ୟକ୍ଷମ ହେଉନି ଆହାର କେନ୍ଦ୍ର



ନୂତନ ଆହାରକେନ୍ଦ୍ର।

**ଚମ୍ପୁଆ,୧।୨(ଡି.ଏନ.ଏ)**

କେନ୍ଦୁଝର ଜିଲା ଚମ୍ପୁଆ ଏନ୍ଏସି ଅନ୍ତର୍ଗତ ବେସରକାରୀ ବସ୍‌ଷ୍ଟାଣ୍ଡ ନିକଟରେ ନିର୍ମିତ ନୂତନ ଆହାରକେନ୍ଦ୍ର କାର୍ଯ୍ୟକ୍ଷମ ହେଉ ନ ଥିବା ଅଭିଯୋଗ ହୋଇଛି। ଉକ୍ତ ଆହାରକେନ୍ଦ୍ର ସମ୍ମୁଖରେ ଡ୍ରେନ୍ ସ୍ଲାବ ପଡି ନ ଥିବା ଓ ପାଚେରି ନ ଥିବାରୁ ଏହା ଖୋଲା ଯାଇପାରୁ ନାହିଁ ବୋଲି ବିଭାଗୀୟ କର୍ମଚାରୀଙ୍କ ପକ୍ଷରୁ କୁହାଯାଇଛି।

ସୂଚନା ଅନୁସାରେ, ପ୍ରାୟ ୨୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ଉକ୍ତ ବସ୍‌ଷ୍ଟାଣ୍ଡ କଡ଼ରେ ଏକ ନୂତନ ଆହାରକେନ୍ଦ୍ର ନିର୍ମାଣ କରାଯାଇଛି। ପୂର୍ବରୁ ସରକାରଙ୍କ ପକ୍ଷରୁ ପୁରୁଣା ସେଲ୍‌ଟାକ୍ସ ଗେଟ୍ ନିକଟରେ ଏକ ଅସ୍ଥାୟୀ ଘରେ କାର୍ଯ୍ୟକ୍ଷମ ରହିଛି। ଏହାର ସ୍ଥାୟୀ ସମାଧାନ ଲାଗି ଏନ୍ଏସି ପକ୍ଷରୁ ବସ୍‌ଷ୍ଟାଣ୍ଡକୁ ଲାଗି ଏକ ନୂତନ ଆହାରକେନ୍ଦ୍ର ଆବଶ୍ୟକ ସୁବିଧା ଥାଇ ନିର୍ମାଣ କରାଯାଇଥିଲା। ବସ୍‌ଷ୍ଟାଣ୍ଡ ନିକଟରେ ଆହାରକେନ୍ଦ୍ର ନିର୍ମାଣ କରାଗଲେ ଆର୍ଥିକ ଦୁର୍ବଳ ଓ ବସ୍ ଯାତ୍ରୀମାନେ ଏହାର ସୁଫଳ ପାଇପାରିବେ। ଏହି ଉଦ୍ଦେଶ୍ୟ ନେଇ ପୂର୍ତ୍ତ ବିଭାଗ ପକ୍ଷରୁ ୨୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇ ଆହାରକେନ୍ଦ୍ର ନିର୍ମାଣ ପରେ ଏନ୍ଏସିକୁ ହସ୍ତାନ୍ତର କରାଯାଇଥିଲା। ବର୍ଷ ଆରମ୍ଭରୁ ଏହା ହସ୍ତାନ୍ତର କରାଯାଇଥିଲେ ମଧ୍ୟ ଅଦ୍ୟାବଧି ଖୋଲାଯାଇ ନ ଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀଙ୍କୁ ପଚାରିବାରୁ କହିଛନ୍ତି, ହାଇଜେନିକ ବ୍ୟବସ୍ଥା ଓ ବାଉଣ୍ଡାରୀ ଆଦି କରିବା ପାଇଁ ଉପରିସ୍ଥ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ଖୁବ୍‌ଶୀଘ୍ର ଉକ୍ତ କାର୍ଯ୍ୟ ଶେଷ କରି ଆହାରକେନ୍ଦ୍ର ଖୋଲାଯିବ।

# ଚକ୍ଷୁ ଦାନ କରିଥିବା ମହିଳାଙ୍କ ପରିବାର ସମ୍ବର୍ଦ୍ଧିତ

**ପାଟଣା,୧।୨(ସ୍ୱ.ପ୍ର.)**



ଛାତ୍ରୀଛାତ୍ରଙ୍କ ଦ୍ୱାରା ଅଙ୍ଗଦାନ ସଚେତନତା ଶୋଭାଯାତ୍ରା।

କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମ ପାଟଣା ସଭାଗୃହରେ ଶନିବାର ପୂର୍ବାହ୍ଣରେ ଏରେଣ୍ଡେଇ ଗ୍ରାମର ଜଣେ ଚକ୍ଷୁଦାନ କରିଥିବା ମହିଳାଙ୍କ ପରିବାର ସଦସ୍ୟଙ୍କୁ ଗୋପବନ୍ଧୁ ସେବା କେନ୍ଦ୍ର କେନ୍ଦୁଝର ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଚକ୍ଷୁଦାନ କରିଥିବା ମହିଳା ଜଣକ ହେଉଛନ୍ତି ତୁଳସୀ ଦାସ।ତାଙ୍କ ତିନିପୁତ୍ର ପ୍ରଦୀପ, ଦୟାନିଧି ,ବାଞ୍ଛାନିଧି ଓ ପୁତ୍ରବଧୂ ବଉଳାଙ୍କୁ ଏକ ସ୍ୱତନ୍ତ୍ର ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୮ ମାର୍ଚ୍ଚ ୩୧ ତାରିଖ ଦିନ ପଟଣା ବ୍ଲକ ଏରେଣ୍ଡେଇ ଗ୍ରାମର ତୁଳସୀ ଦାସଙ୍କ ଦେହାନ୍ତ ଘଟିଥିଲା। ମୃତ୍ୟୁ ପରେ ତାଙ୍କ ଦୁଇଟି ଯାକ ଚକ୍ଷୁ ସେବାକେନ୍ଦ୍ରକୁ ଦାନ କରିଥିଲେ। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମହାବିଦ୍ୟାଳୟ ଅଧକ୍ଷା ଜ୍ୟୋତ୍ସ୍ନା ମଞ୍ଜରୀ ତ୍ରିପାଠୀଙ୍କ ଅଧକ୍ଷତାରେ ଗୋପବନ୍ଧୁ ସେବା କେନ୍ଦ୍ରର ସଂଯୋଜିକା ରାଜଶ୍ରୀ ଉପାଧ୍ୟାୟ, ଡ଼.ଉମାକାନ୍ତ ପତ୍ରୀ, ରୂପଶ୍ରୀ ଗନ୍ତାୟତ, ସ୍ମୃତିରଞ୍ଜନ ଦାଶ, ସୌମ୍ୟା ପଟ୍ଟନାୟକ, ସ୍ଥାନୀୟ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଧର୍ମେନ୍ଦ୍ର କୁମାର ସାହୁ ଓ କର୍ମଚାରୀ ଭର୍ତ୍ତୃହରି ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପରିସରରୁ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଅଙ୍ଗଦାନ ସଚେତନତା ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା।

## ଫେବୃୟାରୀ ପାଇଁ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

**କେନ୍ଦୁଝର, ୧।୨(ସ୍ୱ.ପ୍ର.)**

ଆଗାମୀ ଫେବୃୟାରୀ ମାସ ପାଇଁ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପ୍ରକାଶ ପାଇଛି । ଫେବୃୟାରୀ ୩ ତାରିଖ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ, ୧୦ତାରିଖରେ ହାଟଡିହି ବ୍ଲକ କାର୍ଯ୍ୟାଳୟ, ୧୭ତାରିଖରେ ସାହାରପଡ଼ା ବ୍ଲକ କାର୍ଯ୍ୟାଳୟ ଏବଂ ୨୪ ତାରିଖରେ ଚମ୍ପୁଆ ବ୍ଲକ୍ କାର୍ଯ୍ୟାଳୟଠାରେ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଏନେଇ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ଏହି ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସମ୍ପର୍କରେ ବିହିତ ପଦକ୍ଷେପ ନେବାକୁ ଜିଲାପାଳ ଆଶିଷ ଠାକ୍‌ରେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ରାଇସ୍ ମିଲ୍ ନିର୍ମାଣକୁ ବିରୋଧ

**ପାଟଣା,୧।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ଅନ୍ତର୍ଗତ ବଡ଼ପାଟଣା ପଞ୍ଚାୟତ କୁଆପଶି ମୌଜାରେ ୬ଏକର ପରିମିତ ଜମିରେ ମେସର୍ସ ନାରାୟଣ ରାଇସ୍ ମିଲସ, ହୁଣ୍ଡଳା ତରଫରୁ ଏକ ରାଇସ ମିଲ ନିର୍ମାଣକୁ ନେଇ ଶନିବାର କୁଆପଶି ଗ୍ରାମରେ ବଡ଼ପାଟଣା ପଞ୍ଚାୟତ ତରଫରୁ ଏକ ପଲ୍ଲୀସଭା ଅନୁଷ୍ଠିତ ହୋଇଥିଲା। ଏହି ପଲ୍ଲୀସଭାରେ ରାଇସ ମିଲ ନିର୍ମାଣକୁ ଗ୍ରାମବାସୀମାନେ ବିରୋଧ କରିଥିଲେ। ରାଇସ ମିଲ ପ୍ରତିଷ୍ଠା ଦ୍ୱାରା ଚାଷ ଜମି ପ୍ରଭାବିତ ହେବା ସହ ପରିବେଶ ପ୍ରଦୂଷଣ ହେବାର ଆଶଙ୍କା ପ୍ରକାଶ କରିଛନ୍ତି ଗ୍ରାମବାସୀ। ଆୟୋଜିତ ପଲ୍ଲୀସଭାରେ ବଡ଼ପାଟଣା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ମହାପାତ୍ରଙ୍କ ସମେତ ୧୭ନଂ.ୱାର୍ଡର ୱାର୍ଡସଭ୍ୟ କୁନା ମୁଣ୍ଡା ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ, ପଟଣା- ଢେଙ୍କିକୋଟ ଦେଇ ଯାଇଥିବା ରାଞ୍ଚି ବିଜୟ ୱାଡା ୨୨୦ ନମ୍ବର ଜାତୀୟ ରାଜପଥର କୁଆପଶି ଗ୍ରାମ ରାସ୍ତା ପାର୍ଶ୍ୱରେ ଏହି ରାଇସ ମିଲସ ପ୍ରତିଷ୍ଠାକୁ ନେଇ ଆଞ୍ଚଳିକ ମଞ୍ଚ କୁଆପଶି ତରଫରୁ ବିରୋଧ କରାଯାଇଛି। ଏଥିନେଇ ମଞ୍ଚ ତରଫରୁ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡ ଭୁବନେଶ୍ୱର, କେନ୍ଦୁଝର ଜିଲାପାଳ, ଉପଜିଲାପାଳ, ପାଟଣା ତହସିଲଦାର ଓ ପାଟଣା ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

# ସମ୍ବର୍ଦ୍ଧିତ ହେଲେ ପୁରାତନ ଛାତ୍ର, ଶିକ୍ଷକ


ପୁରାତନ ଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଆନନ୍ଦପୁର/ ଘଷିପୁରା, ୧।୨(ସ୍ୱ.ପ୍ର./ଡି.ଏନ୍.ଏ.)**

**ପ୍ଲାଟିନମ୍ ଜୁବିଲିର ଦ୍ୱିତୀୟ ଦିବସ**

୧୯୪୫ରେ ପ୍ରତିଷ୍ଠିତ ଆନନ୍ଦପୁରର ପୁରାତନ ଶିକ୍ଷାନୁଷ୍ଠାନ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାପୀଠ(ବି.ଏନ ହାଇସ୍କୁଲ)ର ପ୍ଲାଟିନମ୍ ଜୁବିଲିର ଦ୍ୱିତୀୟ ଦିବସରେ ବହୁ ପୁରାତନ ଛାତ୍ର, ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସମ୍ବର୍ଦ୍ଧିତ ଛାତ୍ର ଓ ଶିକ୍ଷକମାନେ ଜୁବିଲି କମିଟିର କର୍ମକର୍ତ୍ତାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ପୁରାତନ ଛାତ୍ର ଅବସରପ୍ରାପ୍ତ ଅଧ୍ୟାପକ କୀର୍ତ୍ତନ ବିହାରୀ ପାତ୍ର, ଚଳଚ୍ଚିତ୍ର ଅଭିନେତା ଅଶ୍ରୁମୋଚନ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜୁବୁଲି କମିଟିର ମୁଖ୍ୟ ଉଦ୍ୟୋକ୍ତା ନିରଞ୍ଜନ ପଟ୍ଟନାୟକ, କମିଟିର ସଭାପତି ଶ୍ରୀଧର ବେହେରାଙ୍କ ଉପସ୍ଥିତ ଥିଲେ। ୧୯୪୫ରେ ଅଧ୍ୟୟନ ଆରମ୍ଭ କରିଥିବା ପୁରାତନ ଛାତ୍ର ଭାଗିରଥି ନାୟକ, ଚନ୍ଦ୍ର ଶେଖର ବଳରାମ ନନ୍ଦଙ୍କ ସମେତ ୫୫ ଜଣ ପ୍ରଧାନ ଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପ୍ଲାଟିନମ୍ ଜୁବିଲିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଉଦ୍‌ଘାଟନ କରିଥିଲେ। ରବିବାର ଏହାର ଉଦଯାପନୀ ସମାରୋହ ପାଳନ ହେବାକୁ ସ୍ଥିର କରାଯାଇଥିବାବେଳେ ଏଥିରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ପୁରାତନ ଛାତ୍ରମାନେ ଯାହା କୁହନ୍ତି....


**ସତ୍ୟାନନ୍ଦ ମିଶ୍ର, ଅବସରପ୍ରାପ୍ତ ଆଇଏଏସ:** ଛାତ୍ର ଜୀବନର ଅଭୁଲା ସ୍ମୃତି ସାଉଁଟିବାର ଏକ ସୁଯୋଗ ସୃଷ୍ଟି କରିପାରିଛି ଏହି କାର୍ଯ୍ୟକ୍ରମ । ସହପାଠୀଙ୍କ ସହ ସାକ୍ଷାତ ଆଲୋଚନା ଅତ୍ୟନ୍ତ ଆନନ୍ଦ ଦେଇଛି ଏବଂ ଦୀର୍ଘ ଦିନ ପରେ ଶିକ୍ଷକଙ୍କୁ ଦର୍ଶନ କରିବାର ସୌଭାଗ୍ୟ ଅର୍ଜନ କଲୁ। ପୂର୍ବାପେକ୍ଷା ବର୍ତ୍ତମାନ ସ୍କୁଲ ଭିତ୍ତିଭୂମିରେ ଅନେକ ପରିବର୍ତ୍ତନ ହୋଇଛି।


**ସୁଶାନ୍ତ ମିଶ୍ର, ଆଇଏଏସ:** ଜୁବୁଲି କାର୍ଯ୍ୟକ୍ରମ ଆୟୋଜନ ପ୍ରଶଂସନୀୟ। ଏଠାରେ ପ୍ରତି ବ୍ୟାଚର ଛାତ୍ରଙ୍କ ସହ ଓ ସହପାଠୀମାନଙ୍କ ସହ ସାକ୍ଷାତ ହୋଇ ଭାବର ଆଦାନ ପ୍ରଦାନ ହେଉଥିବାରୁ ବହୁତ ଖୁସି ଲାଗୁଛି। କେବଳ ମୁଁ ନୁହଁ ଅନେକ ଛାତ୍ର ଏହି ଅନୁଷ୍ଠାନରୁ ତିଆରି ହୋଇ ଭାରତ ଓ ଭାରତ ବାହାରେ ନିଜ ନିଜ କ୍ଷେତ୍ରରେ ଯଥେଷ୍ଟ ପାରଦର୍ଶିତା ଲାଭ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସେ ସମୟରେ ସମଗ୍ର ଜିଲାରେ ଆମ ସ୍କୁଲ ଶିକ୍ଷା କ୍ଷେତ୍ରରେ ସବୁଠାରୁ ଆଗରେ ରହିଥିଲା।


**ଅଶ୍ରୁମୋଚନ ମହାନ୍ତି, ବିଶିଷ୍ଟ ଅଭିନେତା:** ଆମ ସ୍କୁଲର ଏହି ଉତ୍ସବରେ କେବଳ ସହପାଠୀ ନୁହନ୍ତି ସମସ୍ତ ପୁରାତନ ଛାତ୍ରମାନଙ୍କ ସହ ମିଶିବାର ଏକ ଅପୂର୍ବ ସୁଯୋଗ ସୃଷ୍ଟି ହୋଇଛି। ଏହି କାର୍ଯ୍ୟକ୍ରମରେ ଅତୀତର ସ୍ମୃତିକୁ ମନେପକାଇ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ ହେଉଥିବାରୁ ଖୁସି ଅନୁଭବ କରୁଛି।

# ଯୋଗ ଓ ପ୍ରାଣାୟାମ କର୍ମଶାଳା


କର୍ମଶାଳାରେ ଯୋଗ ଓ ପ୍ରାଣାୟାମର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଯାଉଛି।

**କେନ୍ଦୁଝର, ୧।୨(ସ୍ୱ.ପ୍ର.)**

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କେନ୍ଦୁଝରଗଡଠାରେ ଶୁକ୍ରବାର ଏକ ଯୋଗ ଓ ପ୍ରାଣାୟାମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ପତଞ୍ଜଳି ଯୋଗ ପୀଠ, ହରିଦ୍ୱାରର ପୂଜ୍ୟ ସ୍ୱାମୀ ଓମ୍ ଦେବଜୀ ଯୋଗଦେଇ ଶିଶୁମାନଙ୍କୁ ଯୋଗ ଓ ପ୍ରାଣାୟାମ ଦ୍ୱାରା ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସର୍ବଦା ସଚେତନ ରହିବାକୁ ଉପଦେଶ ଦେଇଥିଲେ। ପୂଜ୍ୟ ସ୍ୱାମୀ ଜଗତ ଦେବ ଯୋଗ ଓ ପ୍ରାଣାୟାମର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇ ସମସ୍ତେ ସୁସ୍ଥ ଓ ନୀରୋଗ ଜୀବନ ତଥା ଆନନ୍ଦମୟ ଜୀବନଯାପନ କରିବାର ଉପାୟ କହିଥିଲେ। ସଭା ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ପ୍ରତ୍ୟେକ ଶିଶୁ ସୁସ୍ଥ ରହିଲେ ହିଁ ଦେଶର ପ୍ରଗତି ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ତଥା ଯୋଗଗୁରୁ ଲମ୍ବୋଦର ମହାନ୍ତ ପରିଚାଳନା କରିଥିଲା ବେଳେ ଅନ୍ୟ ଗୁରୁଜୀଗୁରୁମାମାନେ ସହଯୋଗ କରିଥିଲେ।

# ସ୍ମୃତି ସଂସଦର ରୌପ୍ୟ ଜୟନ୍ତୀ ସମାରୋହ

**କେନ୍ଦୁଝର,୧।୨(ସ୍ୱ.ପ୍ର.)**

ସ୍ଥାନୀୟ କେଶଦୁରାପାଳ ବାଲିଯାତ୍ରା ପଡ଼ିଆରେ ସ୍ୱର୍ଗତ କୀର୍ତ୍ତନ ବିହାରୀ ମିଶ୍ର ସ୍ମୃତି ସଂସଦର ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ, ବିଧାୟକ ବଦ୍ରିନାରାୟଣ ପାତ୍ର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ପଣ୍ଡିତ ବିରେନ୍ଦ୍ର ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ଡ. ଶୁଭ କୁମାର ଦାଶ, ଅଧକ୍ଷ ଚିନ୍ତାମଣି ଜେନା, ଅଚ୍ୟୁତାନନ୍ଦ ପଣ୍ଡା, ରମାକାନ୍ତ ନାୟକ, ଯୋଗେନ୍ଦ୍ର ପଣ୍ଡା, ଡ. ରାମଚନ୍ଦ୍ର ନାୟକ, ଭାଗବତାନନ୍ଦ ସରସ୍ୱତୀ, ବିମଳ ଜେନା, ଅଖଣ୍ଡାନନ୍ଦ ସ୍ୱାମୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଚିନ୍ତାମଣି ମହାଳିକ, ସନ୍ଧ୍ୟାରାଣୀ ପୃଷ୍ଟି, ପୁଷ୍ପମଞ୍ଜରୀ କର ପ୍ରମୁଖ କବିତା ସଂଯୋଜନା କରିଥିଲେ। ବହୁ ସାରସ୍ୱତ ସାଧକ, ବିଶିଷ୍ଟ, ପ୍ରତିଭାବାନ ଓ ବିଜ୍ଞ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦେବବ୍ରତ ଶତପଥୀ ଅତିଥି ପରିଚୟ ପ୍ରଦାନ ଓ ଆକାଶ ରଥ ଧନ୍ୟବାଦ ଅର୍ପଣ କରିଥିଲେ।


ସମାରୋହରେ ଉପସ୍ଥିତ ଅତିଥି।

# 'ଏନ୍‌ଆରସି ନୁହେଁ, ଏନ୍‌ଆରୟୁ ଆବଶ୍ୟକ'

**କେନ୍ଦୁଝର,୧।୨(ସ୍ୱ.ପ୍ର./ଡି.ଏନ.ଏ.)**



ଖବରଦାତା ସମ୍ମିଳନୀରେ ଯୁବକଂଗ୍ରେସର କର୍ମକର୍ତ୍ତା।

ବର୍ତ୍ତମାନ ସମଗ୍ର ଦେଶରେ ଏନ୍‌ଆର୍‌ସିକୁ ନେଇ ବିବାଦ ସୃଷ୍ଟି ହୋଇଥିବାବେଳେ ଭାରତୀୟ ଯୁବ କଂଗ୍ରେସ ଦ୍ୱାରା ଏନ୍‌ଆର୍‌ୟୁ(ନ୍ୟାଶନାଲ ରେଜିଷ୍ଟ୍ରାର ଅଫ୍ ଅନ୍‌ଏମ୍ପ୍ଲୟମେଣ୍ଟ) ନାମକ ଏକ ରାଷ୍ଟ୍ରବ୍ୟାପୀ ପ୍ରଚାର ଅଭିଯାନ ଆରମ୍ଭ କରାଯାଇଛି। ଆଜିର ଦିନରେ ଜାତୀୟ ନାଗରିକତା ଅଭିଲେଖର ନୁହେଁ ବରଂ ଜାତୀୟ ବେରୋଜଗାରୀ ଅଭିଲେଖର ଆବଶ୍ୟକ ଜରୁରୀ ବୋଲି କେନ୍ଦୁଝର ଲୋକସଭା ଯୁବ କଂଗ୍ରେସ ଉପସଭାପତି ଐତିହ୍ୟ ଦିବ୍ୟସିଂହ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷିତ ଯୁବତୀ ଯୁବକଙ୍କୁ ନିଯୁକ୍ତି ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଭାରତବର୍ଷରେ ବେକାରୀ ହାର ଗତ ୪୫ ବର୍ଷ ତୁଳନାରେ ସର୍ବାଧିକ। ଜାତିସଂଘର ମାନ୍ୟତାପ୍ରାପ୍ତ ସର୍ବେକ୍ଷଣ ଅନୁଯାୟୀ, ଦେଶର ୨୦ରୁ ୩୪ ବର୍ଷ ମଧ୍ୟରେ ୪୦ ପ୍ରତିଶତ ଯୁବତୀ ଯୁବକ ଶିକ୍ଷା, ରୋଜଗାର ଓ ପ୍ରଶିକ୍ଷଣରୁ ଦୂରରେ। ସିଏମ୍‌ଆଇଇର ଏକ ସର୍ବେକ୍ଷଣ ଅନୁସାରେ ଗତ ୫ ବର୍ଷରେ ଦେଶର ୫ କୋଟି ଯୁବତୀ ଯୁବକ ବେରୋଜଗାର। ନ୍ୟାଶନାଲ କ୍ରାଇମ ରେକର୍ଡ ବ୍ୟୁରୋ ରିପୋର୍ଟ ମୁତାବକ ଦେଶରେ ୨୦୧୭-୧୮ ବର୍ଷରେ ବେରୋଜଗାରମାନଙ୍କ ଆତ୍ମହତ୍ୟା କୃଷକ ଆତ୍ମହତ୍ୟାଠାରୁ ମଧ୍ୟ ଅଧିକ। ବିମୁଦ୍ରୀକରଣ ପରେ ଲକ୍ଷାଧିକ ଯୁବକ ଚାକିରି ହରାଇ ବେକାର ହୋଇ ବସିଛନ୍ତି। ରାଜ୍ୟରେ ମଧ୍ୟ ସହସ୍ରାଧିକ ବେରୋଜଗାରୀ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଏଣୁ ସମଗ୍ର ଦେଶରେ ଜାତୀୟ ବେରୋଜଗାର ଅଭିଲେଖର ଆବଶ୍ୟକତା ରହିଛି ବୋଲି ଐତିହ୍ୟ ଦିବ୍ୟସିଂହ ପ୍ରକାଶ କରିଛନ୍ତି। ଏଥିପାଇଁ ସର୍ବଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ଏକ ଟୋଲ ଫ୍ରି ନମ୍ବର ଜାରି କରାଯାଇଛି। ରାଜ୍ୟର ସମସ୍ତ ବେକାର ଯୁବତୀ ଯୁବକ ଟୋଲ ଫ୍ରି ନମ୍ବରରେ ମିସ୍‌ଡ କଲ୍ ଦେଇ ନିଜକୁ ପଞ୍ଜିକରଣ କରାଇବାକୁ ସେ ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା କାର୍ଯ୍ୟକାରୀ ସଭାପତି ବିପ୍ଳବ ମିଶ୍ର, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ସଦର ବିଧାନସଭା ନିର୍ବାଚନମଣ୍ଡଳୀର କାର୍ଯ୍ୟକାରୀ ସଭାପତି ସୁବ୍ରତ ପ୍ରଧାନ, ସମ୍ପାଦକ ସଞ୍ଜୟ ନାୟକ, ଛାତ୍ରନେତା ଅଂଶୁମାନ ଶତପଥୀ, ଭକ୍ତ ମହାରଣା, ଦିବ୍ୟଦର୍ଶନ ମହାନ୍ତ ଓ ଭକ୍ତଚରଣ ନାୟକ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।